# ପିଲାଙ୍କ ଧରିତ୍ରୀ

ଶନିବାର, ୨୨ ଅକ୍ଟୋବର, ୨୦୨୨




## ଖିଲି ଖିଲି ହସ

**ସୋହନ:** ଭାଇ ମୋତେ ୧୦ଟା ସିଙ୍ଗଡ଼ା ଦେବ।
**ଦୋକାନୀ:** ପ୍ୟାକ୍ କରି କି ଦେବି ?
**ସୋହନ:** ନାଇଁ, ମୁଁ ପେନ୍‌ଡ୍ରାଇଭ୍ ଆଣିଛି, ସେଥିରେ ସିଙ୍ଗଡ଼ା ଫୋଲଡ୍‌ର କରିଦେଇଦିଅ।

ଦୁଇଜଣ ସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା।
ପ୍ରଥମ ସାଙ୍ଗ ପଚାରିଲା ଦ୍ୱିତୀୟ ସାଙ୍ଗକୁ– ଆରେ ସାଙ୍ଗ କହିଲୁ, ଟାବ୍‌ଲେଟ୍ ଷ୍ଟ୍ରିପ୍‌ରେ ୧୦ଟି ଲେଖାଏ କାହିଁକି ଥାଏ ?
**ଦ୍ୱିତୀୟ ସାଙ୍ଗ:** ମୁଁ ଜାଣିନି।
**ପ୍ରଥମ ସାଙ୍ଗ:** ମୁଁ ତୋତେ ଗୋଟେ ସୂଚନା ଦେବାକୁ ଯାଉଛି– ଏ ପ୍ରଥାଟି ସେବେଠୁ ଚାଲିଆସୁଛି, ଯେବେଠାରୁ ରାବଣଙ୍କ ମୁଣ୍ଡବିନ୍ଧା ଆରମ୍ଭ ହେଲା।

ଭୁବନେଶ୍ୱର ବସ୍‌ଷ୍ଟାଣ୍ଡରେ ଗୋଟେ ଝିଅ ପଚାରିଲା– ଭାଇ, କେନ୍ଦ୍ରାପଡ଼ାକୁ କେତେ ନମ୍ବର ବସ୍ ଯିବ ?
ବାଟୋଇ– ୨୧ ନମ୍ବର। ଏତିକି କହି ସେ ଲୋକଟି ସେଠାରୁ ପଳାଇଲେ।
ଗୋଟିଏ ଘଣ୍ଟା ପରେ ପୁଣି ସେ ବ୍ୟକ୍ତି ଜଣକ ସେଇବାଟେ ଯିବା ସମୟରେ ସେ ଝିଅକୁ ଦେଖି ପଚାରିଲେ, ତୁମେ ଏ ପର୍ଯ୍ୟନ୍ତ ଯାଇନ।
ଝିଅ–ଭାଇ, ଏ ପର୍ଯ୍ୟନ୍ତ ୧୮ଟି ବସ୍ ପଳାଇଲାଣି ଆଉ ଦୁଇଟି ଗଲେ ଆସିବ ୨୧ ନମ୍ବର ବସ୍, ସେଥିରେ ମୁଁ ଯିବି।
ଏକଥା ଶୁଣିବା ପରେ ବ୍ୟକ୍ତି ଜଣକ ବେହୋସ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଖୁସିରେ ନାଚିଲେ ବାଦୁଡ଼ି ଛୁଆ

**ଗପ**

ମଦନପୁର ଗାଁକୁ ଲାଗି ଏକ ଛୋଟିଆ ଜଙ୍ଗଲ। ଜଙ୍ଗଲ ଆରମ୍ଭରେ ଦୁଇ ତିନୋଟି ବଡ଼ ବଡ଼ ତେନ୍ତୁଳି ଗଛ। ସେହି ଗଛ ଡାଳରେ ଶହ ଶହ ସଂଖ୍ୟାରେ ବାଦୁଡ଼ି ରହୁଥିଲେ। ସେମାନେ ଦିନ ସାରା ଗଛରେ ରହନ୍ତି, ରାତି ହେଲେ ଆହାର ଖୋଜିବା ପାଇଁ ଯାଆନ୍ତି। ସେମାନେ ଗଛରେ ଓହଳିଥିଲା ବେଳେ ଭାରି ସୁନ୍ଦର ଦେଖା ଯାଉଥିବାରୁ ଚାଲି ଗଲା ଲୋକ ଘଡ଼ିଏ ଅନାଉଥିଲେ। ବହୁ ଦେଖଣାହାରି ଦେଖିବାକୁ ଆସି ଖୁସି ହେଉଥିଲେ।

ରାଧୁଆ ନାମକ ଏକ ଦୁଷ୍ଟ ଲୋକ ମଦନପୁର ଗାଁରେ ବାସ କରୁଥିଲା। ତା'ର ଚାଲିଚଳଣ, ଆଚାର ବ୍ୟବହାର, ବହୁତ ଖରାପ ଥିଲା। ଦିନେ ଗଛରେ ଓହଳିଥିବା ବାଦୁଡ଼ିଗୁଡ଼ିକୁ ଦେଖି ତାଙ୍କୁ କେମିତି ଧରିବ ମନେ ମନେ ଉପାୟ ପାଞ୍ଚିଲା। ବଜାରରୁ ଏକ ଜାଲ କିଣି ଆଣି ସନ୍ଧ୍ୟା ପୂର୍ବରୁ ପାଖ ଜାମୁଗଛ ଚାରି କଡ଼େ ବିଛାଇଦେଲା। ବାଦୁଡ଼ିମାନେ ରାତିରେ ଜାମୁକୋଳି ଖାଇବାକୁ ଯାଇ ଜାଲରେ ପଡ଼ିଗଲେ। ରାଧୁଆ ସକାଳୁ ସକାଳୁ ଜାଲ ଫିଟାଇ ଖୁସି ମନରେ ବାଦୁଡ଼ି ସବୁ ଧରି ଆଣିଲା। ସବୁବେଳେ ଏମିତି ଜାଲ ବିଛାଇ ବାଦୁଡ଼ି ଧରିବାରେ ଲାଗିଲା। ବାଦୁଡ଼ିମାନଙ୍କ ଭିତରେ ହୋ ହଲ୍ଲା ପଡ଼ିଗଲା। ଛୁଆମାନଙ୍କୁ ହରାଇ ମା'ମାନେ କାନ୍ଦିଲେ ତ ମା'କୁ ହରାଇ ଛୁଆ କାନ୍ଦିଲେ। ଏମିତି ପ୍ରତ୍ୟେକ ଦିନ ଦୁଃଖ ଲାଗି ରହିଲା।

ପାଖରେ ଥିବା ଶାଳ, ପଣସ ଗଛରେ ମହୁମାଛିମାନେ ଫେଣା କରି ରହୁଥିଲେ। ସେମାନଙ୍କ ଭିତରୁ ଗୋଟେ ରାଣୀ ମହୁମାଛି ବାଦୁଡ଼ିମାନଙ୍କର ଦୁଃଖ ଦେଖି ମନରେ ବିଚାର କଲା ଯଦି ରାଧୁଆ ଏମିତି ପ୍ରତିଦିନ ବାଦୁଡ଼ି ଧରେ ତେବେ ସମୟ ଆସିବ ଏଠାରୁ ଏମାନେ ସବୁ ଲୋପ ପାଇଯିବେ, ଆଉ ଦେଖିବାକୁ ମିଳିବେ ନାହିଁ। ରାଣୀ ମହୁମାଛି ସମସ୍ତ ମହୁମାଛିଙ୍କୁ ଡକାଇ ଏକ ସଭା ବସାଇଲା। ଆଲୋଚନା ହେଲା ବାଦୁଡ଼ିମାନେ ସୁରକ୍ଷା ପାଇବେ କିପରି? ରାଣୀ ମହୁମାଛି କହିଲା, ସମସ୍ତେ ନିଜେ ନିଜର ମତ ପ୍ରଦାନ କରନ୍ତୁ।

ସଭା ଭିତରୁ ବାଘୁଆ ମହୁମାଛି ଉଠିପଡ଼ି କହିଲା, ଗୋଟିଏ କାମ କରିବା ରାଧୁଆ ଯେତେବେଳେ ସକାଳୁ ଜାଲ ଖୋଲିବାକୁ ଆସିବ ଆମେ ସମସ୍ତେ ଦଳବଦ୍ଧ ହୋଇ ତାକୁ ଏମିତି ଆକ୍ରମଣ କରିବା ଯେ ସେ ଆଉ ଦିନେ ହେଲେ ଏପରି କାମ କରିବ ନାହିଁ। କଥାଟି ସେଠାରେ ଉପସ୍ଥିତ ସମସ୍ତଙ୍କ ମନକୁ ପାଇଲା।

ରାତି ପାହି ସକାଳ ହେଲା, ରାଧୁଆ ପୂର୍ବପ୍ରକାର ଜାଲ ବିଛାଇବାକୁ ଗଲା। ସେଦିନ ବହୁତ ବାଦୁଡ଼ି ପଡିଥିବା ଦେଖି ସେ ଅତି ଖୁସି ମନରେ ଜାଲ ଖୋଲିବାକୁ ଯାଆନ୍ତେ ବାଘୁଆ ମହୁମାଛିମାନେ ଆକ୍ରମଣ କରିବାକୁ ଲାଗିଲେ। ରାଧୁଆ ଜାଲ ଛାଡ଼ି ତଳେ ପଡ଼ିଗଲା, ମରିଗଲି ମରିଗଲି କହି ଚିତ୍କାର କଲା।



ସେହି ସମୟରେ ସାତପୁରି, ଝିଙ୍କିଣି, ନିକିଟି ଆଦି ମହୁମାଛିମାନେ ନିଜ ନିଜ ଭିତରେ କଥା ହେଲେ, କରିଥିବା କର୍ମର ଫଳ ସେ ଏବେ ଭୋଗୁ। ଆଉ ଏଭଳି ପକ୍ଷୀ କେବେ ଧରିବ ନାହିଁ। ଜାଣିଛ ଏବେ ସରକାର ପଶୁପକ୍ଷୀଙ୍କର ସୁରକ୍ଷା କରୁଛନ୍ତି। ସମସ୍ତଙ୍କ ଲାଗି ପରିବେଶ ସନ୍ତୁଳନ ରହୁଛି। ଏହି ବାଦୁଡ଼ିମାନଙ୍କର ମଳରୁ ପରା ବିଭିନ୍ନ ପ୍ରକାର ଗଛ ସୃଷ୍ଟି ହୋଇ ବଣଜଙ୍ଗଲ ବଢୁଛି। ପଶୁ ପରି ମୁହଁ ଓ ଦାନ୍ତ, ପକ୍ଷୀ ପରି ଡେଣା, ଏମାନେ ଦିନରେ ବିଶ୍ରାମ ଆଉ ରାତିରେ ଚଲାବୁଲା କରନ୍ତି। ପରର ଅମଙ୍ଗଳ ବା କ୍ଷତି କେବେ କରିବା କଥା ନୁହେଁ। ମହୁମାଛି ଆକ୍ରମଣ ପରେ ରାଧୁଆ ନିଜର ଭୁଲ ବୁଝି ପାରିଲା। ସେତେବେଳକୁ ମହୁମାଛିମାନଙ୍କର ଦଂଶନରେ ତା'ର ଦେହ ମୁଣ୍ଡ ଜଳୁଥାଏ। ଆଉ କେବେ ଏପରି ଭୁଲ କରିବ ନାହିଁ କହି ଜୀବନ ବିକଳରେ ଗାଁ ଆଡ଼େ ପଳାଇଗଲା।

ରାଣୀ ମହୁମାଛି ଜଙ୍ଗଲି ମୂଷାଙ୍କୁ ଡାକି ସବୁ କଥା କହିବା ପରେ ମୂଷାମାନେ ତାଙ୍କର ତୀକ୍ଷଣ ଦାନ୍ତରେ ଜାଲଟିକୁ କାଟି ପକାଇଲେ। ବାଦୁଡ଼ିମାନେ ଏଥର ମୁକ୍ତ ହେଲେ। ତାଙ୍କ ଖୁସି କହିଲେ ନ ସରେ। ମୂଷା ଦଳପତି କହିଲେ, ଅନ୍ୟକୁ ହଇରାଣ କରିବାରୁ ରାଧୁଆ ନିଜେ ହଇରାଣ ହେଲା। ତେଣୁ ଆମେମାନେ କେହି କେବେ ଅନ୍ୟକୁ ଅସୁବିଧାରେ ପକାଇବା ପାଇଁ ଚେଷ୍ଟା କରିବା ନାହିଁ।

**–ପ୍ରଭାସିନୀ ବରାଡ଼**
ଶ୍ରୀ ବିହାର, କଲେଜ ରୋଡ
ନୟାଗଡ଼,
ମୋ: ୮୯୧୭୨୯୯୫୭୬

## ମତାମତ

▸▸ ପ୍ରଚ୍ଛଦ ପ୍ରସଙ୍ଗ 'ପିଲାଙ୍କ ପାଇଁ ଟିଫିନ୍' ବିଷୟ ପଢ଼ି ସେମାନଙ୍କ ଶାରୀରିକ ବିକାଶ ପାଇଁ ଘର ତିଆରି ପୁଷ୍ଟିକର ଏବଂ ସୁଷମ ଖାଦ୍ୟର ଆବଶ୍ୟକତା ରହିଛି ବୋଲି ଜାଣିବାକୁ ପାଇଲି।
**–ମାନସ ଦାସ,** ଶ୍ୟାମରାୟପୁର, ଭଦ୍ରକ

▸▸ ପ୍ରଚ୍ଛଦ ପୃଷ୍ଠାର ଡିଜାଇନ୍ ଅତି ଚମତ୍କାର ହୋଇଛି।
**–ଅସୀମା ସାହୁ,** ଖାନନଗର, କଟକ

▸▸ 'ତୁମ ତୂଳୀ'ରେ ପ୍ରକାଶିତ ସବୁ ଚିତ୍ର ମନଛୁଆଁ ହୋଇପାରିଛି।
**–ଦେବଯାନୀ ବେହେରା,** ବଙ୍ଗୋମୁଣ୍ଡା, ବଲାଙ୍ଗୀର

## ଗତ ଥରର ରଙ୍ଗ ଦିଅ





**ନିବେଦିତା ଗଉଡ଼**
କ୍ଲାସ୍–୧୦
ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାପୀଠ,
ଭୀମକେଲା,
କଳାହାଣ୍ଡି

# ବିଦେଶରେ ଦୀପାବଳି...

*ଆଲୋକର ପର୍ବ ଦୀପାବଳି। ଏହା କେବଳ ଭାରତରେ ନୁହେଁ ଅନ୍ୟ କେତୋଟି ଦେଶରେ ମଧ୍ୟ ଧୁମ୍‌ଧାମରେ ପାଳନ କରାଯାଏ। ଜାଣନ୍ତୁ ସେ ସମ୍ପର୍କରେ...*

❖ନେପାଳରେ ଦୀପାବଳି ତିହାର ନାମରେ ପରିଚିତ। ୫ଦିନ ଧରି ଏହି ପର୍ବ ନେପାଳରେ ପାଳନ କରାଯାଏ। ଲୋକେ ଦେବଦେବୀଙ୍କ ସହିତ ପଶୁପକ୍ଷୀଙ୍କୁ ମଧ୍ୟ ଏହିଦିନ ପୂଜା କରିଥାନ୍ତି। ଏହି ପାଞ୍ଚଦିନିଆ ପର୍ବର ଦ୍ୱିତୀୟ ଦିନରେ କୁକୁରଙ୍କୁ ଫୁଲ ଏବଂ ତିଳକ ଲଗାଇ ପୂଜା କରାଯାଏ। ତେଣୁ ଏହାକୁ କୁକୁର ତିହାର ମଧ୍ୟ କୁହାଯାଏ।

❖ମାଲେସିଆରେ ଦୀପାବଳି ହରି ଦିୱାଲି କିମ୍ବା ଗ୍ରୀନ୍ ଦିୱାଲି ଭାବରେ ଜଣାଶୁଣା। ଦୀପାବଳି ଦିନ ଏଠାରେ ବାଣ ଫୁଟେଇବା ନିଷେଧ ହୋଇଥାଏ। ସମସ୍ତେ ଦୀପ, ମହମବତି ଏବଂ ଲ୍ୟାମ୍ପ ଜାଳି ଏହାକୁ ପାଳନ କରିଥାନ୍ତି। ଦୀପାବଳିକୁ ଏଠାରେ ଛୁଟିଦିନ ଭାବରେ ପାଳନ କରାଯାଏ। ବିଶେଷ କରି ଏଠାରେ ବସବାସ କରୁଥିବା ହିନ୍ଦୁମାନେ ଏହି ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି।

❖ ଇଣ୍ଡୋନେସିଆର ବାଲିଦ୍ୱୀପ ଦୀପାବଳି ପାଳନ ପାଇଁ ପ୍ରସିଦ୍ଧ। ଏଠାରେ ବସବାସ କରୁଥିବା ଅଧିକାଂଶ ଅଧିବାସୀ ଭାରତୀୟ ବଂଶଧର ଅଟନ୍ତି। ଏଠାକାର ଲୋକମାନେ ଦୀପାବଳିକୁ ଭାରତ ଭଳି ସମାନ ରୀତିନୀତିରେ ପାଳନ କରିଥାନ୍ତି। ଏମାନେ ଦୀପ ଜଳାଇବା ସହ ବାଣ ମଧ୍ୟ ଫୁଟାଇଥାନ୍ତି।

❖ଦକ୍ଷିଣ ପ୍ରଶାନ୍ତ ମହାସାଗରୀୟ ଦେଶ ଫିଜିରେ ଦୀପାବଳିକୁ ଛୁଟି ଭାବରେ ଗ୍ରହଣ କରାଯାଏ। ଏହି ଦ୍ୱୀପ ଦେଶରେ ବହୁ ସଂଖ୍ୟକ ହିନ୍ଦୁ ବାସ କରୁଥିବାବେଳେ ଏଠାରେ ମଧ୍ୟ ଭାରତୀୟ ସଂସ୍କୃତି ଅନୁସାରେ ଦୀପାବଳି ପାଳନ କରାଯାଏ। ଆଉ ଏଦିନ ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି।

❖ଶ୍ରୀଲଙ୍କାରେ ଦୀପାବଳି ଅନ୍ୟତମ ପ୍ରମୁଖ ପର୍ବ। ଏଠାରେ ୫ଦିନ ଧରି ଦୀପାବଳି ପାଳନ କରାଯାଏ। ଏଠାରେ ରହୁଥିବା ହିନ୍ଦୁ ତାମିଲ୍ ସମ୍ପ୍ରଦାୟର ଲୋକମାନେ ଦୀପାବଳିକୁ ବହୁ ଧୁମ୍‌ଧାମ୍‌ରେ ପାଳନ କରିଥାନ୍ତି। ବାଣ ଫୁଟାଇ, ତେଲ ଦୀପ ଜାଳି ଏବଂ ପରସ୍ପରକୁ ମିଠା ଖୁଆଇ ଏମାନେ ଦୀପାବଳି ପାଳନ କରିଥାନ୍ତି।

# ଦୀପାବଳିରେ ସତର୍କତା

"ଦୀପାବଳି, ଆଲୋକ ଓ ଆନନ୍ଦର ପର୍ବ । ଅମାବାସ୍ୟାର ଅନ୍ଧକାର ଦୂର ପାଇଁ ଘରେ ଘରେ ରଙ୍ଗବେରଙ୍ଗର ଲିଚୁଲାଇଟ୍, ଦୀପ ଓ ମହମବତି ଲଗାଯାଏ। ଏହା ବ୍ୟତୀତ ବିଭିନ୍ନ ପ୍ରକାରର ଆତସବାଜି ଫୁଟାଯାଏ। ତେବେ ଦୀପାବଳିକୁ ନିରାପଦରେ ପାଳନ କରିବା ପାଇଁ କେତେଗୋଟି ସତର୍କତା ମାନିବା ଜରୁରୀ।"

–ହିମାଂଶୁ ଶେଖର ଫତେସିଂହ




ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏକ ଅନନ୍ୟ ପର୍ବ ଦୀପାବଳି। ଏହା ଆଲୋକ ଓ ଆନନ୍ଦର ପର୍ବ । ଏହିଦିନ ସବୁଠି ଆନନ୍ଦ ଉଲ୍ଲାସ ଲାଗି ରହିଥାଏ। ଗ୍ରାମରୁ ସହର ପର୍ଯ୍ୟନ୍ତ ସବୁକିଛି ରଙ୍ଗିନ୍ ଆଲୋକରେ ସଜ୍ଜା ଯାଇଥାଏ। ଅମାବାସ୍ୟାର ଅନ୍ଧକାର ଦୂର କରିବା ପାଇଁ ଘରେ ଘରେ ରଙ୍ଗବେରଙ୍ଗର ଲିଚୁଲାଇଟ, ଦୀପ ଓ ମହମବତି ଲଗାଯାଏ। ଏହା ବ୍ୟତୀତ ଏହିଦିନ ରାତିରେ ବିଭିନ୍ନ ପ୍ରକାରର ଆତସବାଜି ଫୁଟାଯାଉଥିବାର ଦେଖିବାକୁ ମିଳେ। ଦୀପାବଳି ପାଳନ ବେଳେ ସତର୍କତା ଅବଲମ୍ବନ ନ କଲେ ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ରୁହେ। ତେବେ ଦୀପାବଳିକୁ ନିରାପଦରେ ପାଳନ କରିବା ପାଇଁ କେତେଗୋଟି ସତର୍କତା ମାନିବା ନିହାତି ଜରୁରୀ।

ଆତସବାଜିର ବହୁଳ ବ୍ୟବହାର ଫଳରେ ବାୟୁ ଓ ଧ୍ୱନି ପ୍ରଦୂଷଣ ଘଟୁଥିବାରୁ ଏହାକୁ ବ୍ୟବହାର ନ କରି ଲିଚୁଲାଇଟ, ଦୀପ ଓ ମହମବତି ବ୍ୟବହାର କରି ଦୀପାବଳି ପାଳନ କଲେ ଭଲ ହେବ। ଆତସବାଜି ଫୁଟାଇବାକୁ ଜରୁରୀ ମନେ କଲେ ସରକାରୀ ସ୍ୱୀକୃତିପ୍ରାପ୍ତ ଦୋକାନରୁ ଉନ୍ନତ ମାନର ଆତସବାଜି କିଣିବା ଭଲ। ସେଗୁଡ଼ିକୁ ବ୍ୟାଗ କିମ୍ବା ପକେଟରେ ନ ରଖି ଏକ ନିରାପଦ ସ୍ଥାନରେ ରଖିବା ଆବଶ୍ୟକ। ଆତସବାଜି ଫୁଟାଇବା ସମୟରେ ପାଖରେ ଗୋଟିଏ ପାଣି ବାଲ୍‌ଟି ଓ କମ୍ବଳ ରଖିବା ଦରକାର। ସମ୍ଭବ ହେଲେ, ନିକଟରେ ଗୋଟିଏ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ମଧ୍ୟ ଆବଶ୍ୟକ। ଦିଆସିଲି କିମ୍ବା ଲାଇଟ୍‌ର ବ୍ୟବହାର କରି ଆତସବାଜି ଫୁଟାଇବା ଆଦୌ ଉଚିତ ନୁହେଁ। ନିଜକୁ ନିରାପଦ ଦୂରତାରେ ରଖି ଏହାକୁ ଫୁଟାଇବା ଭଲ। ଆତସବାଜି ଫୁଟାଇବା ସମୟରେ ରେଶମ, ପଶମ କିମ୍ବା କୌଣସି ସିନ୍ଥେଟିକ ଢିଲା ପୋଷାକ ପିନ୍ଧିବା ଉଚିତ ନୁହେଁ। ଏହି ସମୟରେ ହାଲୁକା କଟନ ପୋଷାକ ଓ ଜୋତା ପରିଧାନ କରିବା ଆବଶ୍ୟକ। ଘର ମଧ୍ୟରେ, ଆବଦ୍ଧ ସ୍ଥାନରେ, ସରୁ ଗଳି ରାସ୍ତାରେ, ଜନଗହଳିପୂର୍ଣ୍ଣ ସ୍ଥାନ ଓ ବିଦ୍ୟୁତ୍ ସଂଯୋଗ ସ୍ଥାନରେ ଆତସବାଜି ଫୁଟାଇବା ବିପଜ୍ଜନକ ହୋଇପାରେ। ଏପରି କରିବା କେବେ ଉଚିତ ନୁହେଁ।

ସେହିପରି ଏହି ଦିନ ଘରେ ଡୋର ସ୍କ୍ରିନ, ବିଦ୍ୟୁତ୍ ତାର ଆଦି ରହିଥିବା ସ୍ଥାନରେ ମହମବତି ଲଗାଇବା ଉଚିତ ନୁହେଁ। ଲିଚୁ ଲାଇଟ ଲଗାଇବା ବେଳେ ଅତି ସାବଧାନ ହୋଇ ବିଦ୍ୟୁତ ତାରକୁ ବ୍ୟବହାର କରିବା ଜରୁରୀ। ଏହାକୁ ଛୋଟଛୋଟ ପିଲାଙ୍କଠାରୁ ଦୂରରେ ରଖିବା ପ୍ରୟୋଜନ। ଏହିସବୁ ସାବଧାନତା ଅବଲମ୍ବନ କଲେ ଆନନ୍ଦର ପର୍ବ ଦୀପାବଳି ନିରାପଦରେ ପାଳନ କରିପାରିବେ।

–ବାଲିଗାଡ଼ିଆ, ଜଙ୍କିଆ, ଖୋର୍ଦ୍ଧା
ମୋ : ୭୦୦୮୬୭୨୩୪୧





## କେମିତି ପାଳନ କରିବେ ଦୀପାବଳି

### ପରିବାର ସହ ପାଳିବି



ଆଲୋକର ପର୍ବ ଦୀପାବଳି। ପ୍ରତିବର୍ଷ ମୁଁ ଏହି ପର୍ବକୁ ଧୁମଧାମରେ ପାଳନ କରିଥାଏ। ଗତ ଦୁଇ ବର୍ଷ ହେବ କରୋନା ପାଇଁ ଦୀପାବଳି ଫିକା ପଡ଼ିଯାଇଥିଲା। ହେଲେ ଏଥର ଦୀପାବଳିର ମଜା ନେବି। ଏଥର ବାଣ ଫୁଟାଇବି। ଆଉ ବିଭିନ୍ନ ପ୍ରକାର ଲାଇଟ୍ ଲଗାଇବା ସହ ଦୀପରେ ଘର ସଜେଇବୁ। ଏହାକୁ ମୁଁ ପରିବାର ସହ ଆନନ୍ଦରେ ପାଳନ କରିବି ବୋଲି ଯୋଜନା କରିଛି। ଏହି ଦିନରେ ଘରେ ହୋଇଥିବା ବିଭିନ୍ନ ପ୍ରକାର ପିଠାପଣା ଖାଇବି।

**–ଶୁଭାଶିଷ ଦାସ,** କ୍ଲାସ୍–୭,
କେନ୍ଦ୍ରୀୟ ବିଦ୍ୟାଳୟ–୧, ଭୁବନେଶ୍ୱର

### ଏଥର ଧୁମ୍ ମଜା କରିବି



ଦୀପାବଳିରେ ମୋତେ ବାଣ ଫୁଟାଇବାକୁ ବହୁତ ଭଲ ଲାଗେ। ଏଥର ବାପାଙ୍କ ସାଙ୍ଗରେ ମାର୍କେଟ୍ ଯାଇ ବିଭିନ୍ନ ପ୍ରକାର ବାଣ କିଣିଆଣି ଫୁଟାଇବି। ମୋର ବେଶୀ ଶବ୍ଦ ହେଉଥିବା ବାଣ ପସନ୍ଦ ନୁହେଁ। ମୋର କୁମ୍ଭି ବାଣ, ଝୁରିଝୁରି, ଚକ୍ରିବାଣ ଆଦି ପସନ୍ଦ। ଗତ ଦୁଇବର୍ଷ କରୋନା ଲାଗି ବାଣ ଫୁଟାଇବା ବନ୍ଦ ହୋଇଥିଲା। ମୋତେ ଜମା ଭଲ ଲାଗୁନଥିଲା। ଏଥର ଦୀପାବଳିରେ ଧୁମ୍ ମଜା କରିବି।

**–ସ୍ୱୟଂଭ ମହାନ୍ତି,** କ୍ଲାସ୍–୫,
ଷ୍ଟୁଆର୍ଟ ସ୍କୁଲ, ୟୁନିଟ୍–୮, ଭୁବନେଶ୍ୱର

# ତୁମ ତୂଳୀରୁ

୧



ଆଦ୍ୟା ତ୍ରିପାଠୀ
କ୍ଲାସ୍-୧, ସେଣ୍ଟ ଯୋସେଫ୍ ହାଇସ୍କୁଲ, ଭୁବନେଶ୍ୱର

୨



ସାଇ ଶିବେଶ ବେହେରା
କ୍ଲାସ୍- ୪, କାର୍ମେଲ୍ ସ୍କୁଲ, ରାଉରକେଲା

୩



ଉଲ୍ଲାସ ପଣ୍ଡା
କ୍ଲାସ୍- ୭, ଗୁରୁନାନକ ସ୍କୁଲ, ସମ୍ବଲପୁର

୪



ଆୟୁଶ୍ରୀ ଦାସ
କ୍ଲାସ୍- ୧, ମହର୍ଷି ବିଦ୍ୟାମନ୍ଦିର, ନୟାଗଡ

୫



ବର୍ଷା ପ୍ରିୟଦର୍ଶିନୀ ଜେନା
କ୍ଲାସ୍-୯, ଜୟଦୁର୍ଗା ହାଇସ୍କୁଲ, ଦୁଲାଖାପାଟଣା, କୋରେଇ, ଯାଜପୁର

୬



ସାଇ ଦିବ୍ୟାଂଶୁ ଦାସ
କ୍ଲାସ୍-୫, ସୁଭଦିଆ ଉପ୍ରା ବିଦ୍ୟାଳୟ, ଭଦ୍ରକ

୭



ଓମ୍ ପ୍ରକାଶ ବାରିକ
କ୍ଲାସ୍-୮, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, ପଶ୍ଚିମବଙ୍ଗ

୮



ଅନ୍ୱେଷା ନାୟକ
କ୍ଲାସ୍- ୫, ବିଜେଇଏମ୍ ସ୍କୁଲ, ଭୁବନେଶ୍ୱର




୧




୨




୫



୩





୪



୬



୭



୮







କବିତା

## ଦୀପାବଳି

ଆଲୋକର ପର୍ବ ଅଟେ ଦୀପାବଳି,
ଗାଆଁ ଲୋକେ ପାଳନ୍ତି ପିମ୍ପେଇ ଜାଳି ।
ଫୁଲଝରି, ବାଣରେ ଚମକେ ରାତି,
ଉଭାନ ହେଲାଣି ମାଟି ଦୀପବତୀ ।
ଦୀପାବଳିରେ ଶୁଭ ଦୀପାଳି ମାଳ,
ଅନ୍ଧାର ରାତିକୁ କରନ୍ତି ଉଜ୍ଜ୍ୱଳ ।
ଗାଆଁ ସହରେ ଫୁଟେ ବହୁତ ବାଣ,
ତା'ଯୋଗୁ ବଢ଼ଇ ବାୟୁ ପ୍ରଦୂଷଣ ।
ଏ ଦିନେ ହୁଏ ମା' କାଳୀଙ୍କ ପୂଜା,
ଚତୁର୍ଦ୍ଦିଗ ଝଲସେ ଆଲୋକ ସଜ୍ଜା ।
ମାଆଙ୍କ ପାଦେ ଆମେ କରି ଜଣାଣ,
ସଭିଏ ମାଗିବା ଜଗତ କଲ୍ୟାଣ ।

**–ମନସ୍ୱିନୀ ସାହୁ**
ଷ୍ଟାଣ୍ଡାର୍ଡ–୧୨,
କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



## ଆଲୋକର ପର୍ବ

ମହାକାର୍ତ୍ତିକର କୃଷ୍ଣପକ୍ଷ ଶେଷ
ଶୁଭ ଅମାବାସ୍ୟା ଦିନ
ଆଲୋକର ପର୍ବ ଦୀପାବଳି ଆସେ
ହସି ଉଠେ ଜନମନ ।
ବନବାସ ସାରି ପ୍ରଭୁ ରାମଚନ୍ଦ୍ର
ଫେରିଥିଲେ ଏହିଦିନ
ଅଯୋଧ୍ୟା ନିବାସୀ ଦୀପ ଜାଳି ତାଙ୍କୁ
କରିଥିଲେ ସ୍ୱାଗତମ୍ ।
ଘର ଅଗଣାରେ ନାଆର ଚିତାରେ
ରଖି ପୂଜାର ସାମଗ୍ରୀ
ବଡ଼ବଡୁଆଙ୍କୁ ଡକା ଯାଇଥାଏ
କାଉଁରିଆ କାଠି ଜାଳି ।
ବନ୍ଧୁ ପରିବାର ସଭିଏ ପାଳନ୍ତି
ଆଲୋକର ଏହି ପର୍ବ
ସ୍ନେହ ଶ୍ରଦ୍ଧା ବାଣ୍ଟି ସୁଖ ମନାସନ୍ତି
ହୋଇଣ ଏକତ୍ର ସର୍ବ ।
ପ୍ରଭୁଙ୍କ ପାଖରେ ଏତିକି ଗୁହାରି
ଅଧର୍ମର ହେଉ ନାଶ
ଧର୍ମର ଆଲୋକେ ଆଲୋକିତ ହେଉ
ଆମ ଏ ଭାରତବର୍ଷ ।

**–ରାମଚନ୍ଦ୍ର ବେହେରା**
ବରୋଦା, ଗୁଜରାଟ
ମୋ: ୭୩୫୫୬୩୪୩୪୬

## ଦିଆଲି

ଅକଲ ମକଲ ଟକଲ ଟିଆଁ
କୁନା, କୁନି ଆମ ମାରୁଛନ୍ତି ଡିଆଁ
ଦିଆଲି ଆସୁଛି ଜାଣି
ଝିରି ଝିରି, କୁମ୍ପି, ତାଳ ଫୋଟକା ଯେ
ବଜାରୁ ଆଣିବେ କିଣି ।
ଲସି ଦୋକାନରେ ପିଲାଟେ ବସି
ସକେଇ ସକେଇ କାନ୍ଦେ
ଏଠାରୁ ସେଠାରୁ ଅଇଁଠା ଗିଲାସ
ବୋହୁଛି କଅଁଳ କାନ୍ଧେ ।
ତାକୁ ଦେଖି ବୋଉ ଆଖିରେ ଲୁହ
ବାପା ସବୁ କଥା ଜାଣି
ଦୋକାନୀକୁ କହି ପିଲାକୁ ବୁଝାଇ
ଘରକୁ ଆସିଲେ ଆଣି ।
କୁନା କୁନି ଦେଖି ହୋଇଲେ କାବା
ପାଛୋଟି ଆଣିଲେ ତାକୁ
ପୁଅ ଟିଏ ପରି ଘରେ ସେ ରହିଲା
ନାମ ଦେଲେ ତାର ଚିକୁ ।
କୁନା, କୁନି, ଚିକୁ ଏକାଠି ବସି
ବାପା ବୋଉ ସହ ଏକାଠି ହସି
ଖୁସିରେ ଦିଆଲି ପାଳି
ବଡ ବଡୁଆଙ୍କୁ ମନେ ପକାଇଲେ
କାଉଁରିଆ କାଠି ଜାଳି ।

**–ଛନ୍ଦା ମିଶ୍ର**
ମୋ: ୯୪୩୭୪୫୩୬୧୦

## ଏଥରର

- ରାମାୟଣର କେଉଁ ଘଟଣାକୁ ଆଧାର କରି ଦୀପାବଳି ପାଳନ କରାଯାଇ ଆସୁଅଛି ?
- ଦୀପାବଳି ଦିନ ଶ୍ରୀକୃଷ୍ଣ କେଉଁ ଅସୁରକୁ ବଧ କରିଥିଲେ ?
- ପଶ୍ଚିମବଙ୍ଗରେ ଦୀପାବଳି କେଉଁ ନାଁରେ ପରିଚିତ ?
- ଥାଲାଇ ଦୀପାବଳି କେଉଁ ରାଜ୍ୟରେ ପାଳନ କରାଯାଏ ?
- ମହାରାଷ୍ଟ୍ରରେ ଶେଷ ଦୀପାବଳି କେଉଁ ନାଁରେ ଜଣାଶୁଣା ?

## ଗତଥରର





- ହାଇଡ୍ରୋଜେନ୍ ସଲ୍‌ଫାଇଡ୍
- ଗ୍ରାଫାଇଟ୍
- ନାଇଟ୍ରୋଜେନ୍
- ସୋଡିୟମ କାର୍ବୋନେଟ୍
- ସିଲିକନ୍ ଏବଂ ଅକ୍ସିଜେନ୍

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# କୁନି ଅଥର ରେୟାନ୍ସ

୧୦ ବର୍ଷର ରେୟାନ୍ସ କୁନି ଅଥର ଭାବେ ଜଣାଶୁଣା । କଲିକତାର ରେୟାନ୍ସ ଦାସ ୧୦ବର୍ଷ ବୟସରେ ଜ୍ୟୋତିର୍ବିଜ୍ଞାନର ଏକ ପୁସ୍ତକ ଲେଖି ସାରା ବିଶ୍ୱକୁ ଚକିତ କରିଦେଇଛନ୍ତି। ଏହି ବହିର ନାମ 'ଦି ୟୁନିଭର୍ସ: ଦି ପାଷ୍ଟ, ଦି ପ୍ରେଜେଣ୍ଟ ଆଣ୍ଡ ଦି ଫ୍ୟୁଚର୍' । ସେ ଏହି ପୁସ୍ତକ ଦ୍ୱାରା ବିଜ୍ଞାନ ଓ ଜ୍ୟୋତିଷବିଜ୍ଞାନର ଗୁରୁତ୍ୱକୁ ବୁଝାଇଛନ୍ତି। ଏତେ କମ୍ ବୟସରେ ଏହି ପୁସ୍ତକ ଲେଖି ସେ ଗିନିଜ୍ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି। ଏହାଛଡ଼ା ସେ ଏକ ନକ୍ଷତ୍ର କିପରି ବ୍ରହ୍ମାଣ୍ଡଠାରୁ ପୁରୁଣା, ବ୍ରହ୍ମାଣ୍ଡର ଭବିଷ୍ୟତ, ଆଲବର୍ଟ ଆଇନଷ୍ଟାଇନ ଏବଂ ଆଇଜାକ୍ ନ୍ୟୁଟନଙ୍କ ଥିଓରି ମଧ୍ୟରେ ପାର୍ଥକ୍ୟ, ନକ୍ଷତ୍ରର ଜୀବନଚକ୍ର ଉପରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଆମାଜନରେ ବହି ପଢୁଥିବା ପାଠକମାନେ ଏହି ବହି ପଢ଼ି ବହୁମାତ୍ରାରେ ମତାମତ ଦେଇଛନ୍ତି। ରେୟାନ୍ସଙ୍କ ମାଆ କୁହନ୍ତି ଯେତେବେଳେ ରେୟାନ୍ସ ୫ବର୍ଷ ବୟସର ହୋଇଥିଲେ ସେ ତାରା, ନକ୍ଷତ୍ର ବିଷୟରେ ଜାଣିବାକୁ ଭଲ ପାଉଥିଲେ। ବୟସ ବଢ଼ିବା ସାଙ୍ଗକୁ ସେ ଜ୍ୟୋତିର୍ବିଜ୍ଞାନର ବହି ପଢ଼ିବାକୁ ଲାଗିଲେ। ପୁଅର ଇଚ୍ଛା ଦେଖି ଆମେ ମଧ୍ୟ ପ୍ରେରଣା ଦେଇଥିଲୁ। ରେୟାନ୍ସ କୁହନ୍ତି ଲକ୍‌ଡାଉନ ସମୟରେ ମୁଁ ଏହି ବହି ଲେଖିଥିଲି। ଦ୍ୱିତୀୟ ବହି ଗଣିତଶାସ୍ତ୍ର ଉପରେ ଲେଖିବି। ଭବିଷ୍ୟତରେ ସେ ମହାକାଶଚାରୀ ହେବେ କିମ୍ବା ଏକ ନୂତନ ଗ୍ରହ ଆବିଷ୍କାର କରିବେ ବୋଲି ଆଶାବାଦୀ ଅଛନ୍ତି।




## କହିଲ ଦେଖି



ଶୀତଳ ପରଶ ପରଷି ଦିଏ
କେବେ ଧୀରେ କେବେ ବେଇଗି ଧାଏଁ
କରେଣ୍ଟ ଖାଇଲେ ସେ ଶକ୍ତି ପାଏ
ନାମଟି ତାହାର କହିବ କିଏ ।

**ଉ– ପଙ୍ଖା**



ମୁହେଁ ରହିଥାଏ ତୁଣ୍ଡି ପରିକା
ଆମ ଜୀବନକୁ ଦିଏ ସୁରକ୍ଷା
କରୋନା ଭୂତାଣୁ ଆସିଲା ପରେ
ଅତି ଆବଶ୍ୟକ ସେ ଦୁନିଆରେ ।

**ଉ– ମାସ୍କ**




ସକାଳୁ ସକାଳୁ ଘରକୁ ଆସେ
ଟେବୁଲ ଉପରେ ଆନନ୍ଦେ ହସେ
ଆଣିଥାଏ ସାଥେ କେତେ ଖବର
ଗାଆଁ ହେଉ ଅବା ହେଉ ସହର ।

**ଉ– ଖବରକାଗଜ**



ଧୋବ ଫର ଫର ରୂପଟି ତାର
ଖାଏ କଅଁଳ ଘାସ
କି ସୁନ୍ଦର ଆହା ମାରଇ ଡିଆଁ
ଚେହେରା ହସ ହସ ।
ନାଲି ଗାଜର ପସନ୍ଦ ତା'ର
ଖାଏ ଆନନ୍ଦେ ବସି
ଜାଣିଛ କିଏ ନାମଟି ତା'ର
କହିଲ ଟିକେ ହସି ।

**ଉ– ଠେକୁଆ**

**–ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩



### ଓଟ ଶରୀରର ତାପମାତ୍ରା ନିୟନ୍ତ୍ରଣ

ଓଟ ଅଧିକ ତାପମାତ୍ରାରେ ରହିପାରନ୍ତି। ହେଲେ ସେଠାରେ ଏମାନେ ନିଜ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖନ୍ତି। ଶରୀରରୁ ଝାଳ ବୋହିବା ଦ୍ୱାରା ଏମାନେ ଅତି ଗରମ ସ୍ଥାନରେ ସହଜରେ ରହିପାରିଥାନ୍ତି। ଏହି ପ୍ରାଣୀ ରାତିରେ ପ୍ରାୟ ୬ଘଣ୍ଟା ଶୁଅନ୍ତି। କାନ ଛୋଟ ଏବଂ ଲୋମାବୃତ୍ତ ହୋଇଥିଲେ ବି ଏମାନେ ଭଲଭାବେ ଶୁଣିପାରିଥାଆନ୍ତି।



### ଶରୀର ମୁତାବକ ଖାଦ୍ୟ ଖାଏ ଝିଣ୍ଟିକା

ଝିଣ୍ଟିକା ଶରୀରର ଓଜନ ଯେତିକି ସେ ପ୍ରତିଦିନ ସେତିକି ଖାଦ୍ୟ ଖାଇଥାଏ। ଏମାନେ ପ୍ରାୟ ୯୦ ଦିନ ବଞ୍ଚନ୍ତି। ଝିଣ୍ଟିକା କାନ ବଦଳରେ ଏମାନେ ପେଟ ମାଧ୍ୟମରେ ଶବ୍ଦ ବାରି ପାରିଥାନ୍ତି। ଏମାନେ ଅଣ୍ଡା ଦେବା ସମୟରେ ୩–୪ଦିନ ଗୋଟିଏ ସ୍ଥାନରେ ରହିଥାନ୍ତି। ଏମାନଙ୍କ ଶରୀରର ଲମ୍ବ ପ୍ରାୟ ୨ଇଞ୍ଚରୁ ୫ଇଞ୍ଚ ମଧ୍ୟରେ ହୋଇଥାଏ।



### ରାତିରେ ସକ୍ରିୟ ରୁହେ ଅସରପା

ଅସରପା ରାତିରେ ଅଧିକ ସକ୍ରିୟ ରୁହନ୍ତି। ଏମାନେ ଅନ୍ଧାର ସ୍ଥାନରେ ରହିବାକୁ ଅଧିକ ପସନ୍ଦ କରିଥାଆନ୍ତି। ଏହି କୀଟ କିଛି ନ ଖାଇ ଏକମାସ ପର୍ଯ୍ୟନ୍ତ ବଞ୍ଚିପାରେ। ଅସରପାର ୧୮ଟି ଗୋଡ଼ ରହିଛି। ଏମାନେ ଦଳବଦ୍ଧ ଭାବେ ରହିବାକୁ ଅଧିକ ପସନ୍ଦ କରନ୍ତି। ଏମାନଙ୍କର ଶତ୍ରୁ ଝିଟିପିଟି ଓ ବୁଢ଼ିଆଣୀ।



### ସହଜରେ ମରେନି ଜେଲିଫିସ୍

ଜେଲିଫିସ୍‌କୁ ମଝିରୁ ଦୁଇଖଣ୍ଡ କରିଦେଲେ, ପୁନର୍ବାର ତାହା ଦୁଇଟି ଜେଲିଫିସ୍‌ରେ ପରିଣତ ହୋଇଯାଏ। ପୃଥିବୀର କ୍ଷୁଦ୍ରତ୍ତମ ଜେଲିଫିସ୍ ପ୍ରଜାତି ହେଉଛି ଇରୁକାଞ୍ଜି ଜେଲିଫିସ। ଏହା ମଧ୍ୟ ସବୁଠାରୁ ବିଷାକ୍ତ ଜେଲିଫିସ୍ ।




### କୋଇଲିର ସ୍ୱର

କୋଇଲିର ସ୍ୱର ଅନ୍ୟ ପକ୍ଷୀଙ୍କ ଠାରୁ ବେଶ୍ ମଧୁର, ଏକଥା ସମସ୍ତେ ଜାଣନ୍ତି। ପ୍ରକୃତରେ ଅଣ୍ଡିରା କୋଇଲିର ସ୍ୱର ହିଁ ସୁମଧର। କୋଇଲି କୀଟ ପତଙ୍ଗ ଖାଇବାକୁ ଅଧିକ ପସନ୍ଦ କରନ୍ତି । ଏମାନେ ଏସିଆ ଓ ଆଫ୍ରିକା ମହାଦେଶରେ ଅଧିକ ଦେଖାଯାନ୍ତି।

# ଆ ଇ ନା



ପ୍ରିୟାଂଶୀ ପ୍ରେରଣା ବ୍ରହ୍ମା
୭ ବର୍ଷ / ଭୁବନେଶ୍ୱର



ପ୍ରେରଣା ପ୍ରିୟଦର୍ଶିନୀ ଦାଶ
୫ ବର୍ଷ / ଭୁବନେଶ୍ୱର